Downloaded From :http://cbseportal.com/

**SET-4**

**Series JMS/C**

**Code No. 14**

Candidates must write the Code on the title page of the answer-book.

Roll No. | | | | | | | |

- ପ୍ରଶ୍ନପତ୍ରଟି **8** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **11**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।

- Please check that this question paper contains **8** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*



Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 20

(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *2×5=10*

ଅନେକ ବିଗ୍ର କରନ୍ତି ପ୍ରତିକୂଳ ପରିସ୍ଥିତିରେ ମଣିଷ ଭାଙ୍ଗିପଡ଼େ । ତା'ମଧ୍ୟରେ ଥିବା ପ୍ରତିଭାର ଉପଯୁକ୍ତ ପରିସ୍ଫୁଟନ ହୋଇପାରେ ନାହିଁ । ମାତ୍ର, ଏହା ସୁବୁକ୍ଷେତ୍ରରେ ସତ ନୁହେଁ । ସାଧାରଣ ମଣିଷ ହୁଏତ ପ୍ରତିକୂଳ ଅବସ୍ଥାରେ ଦୁର୍ବଳ ହୋଇଥାଏ । କିନ୍ତୁ ଅସାଧାରଣ ମଣିଷ ସେ ପରିସ୍ଥିତିରେ ଆହୁରି ଦୃଢ଼ ହୋଇଯାଏ । ଦୁର୍ବାର ଇଚ୍ଛାଶକ୍ତି ବଳରେ ନିଜର ଲକ୍ଷ୍ୟସ୍ଥଳ ଆଡ଼କୁ ସେ ମାଡ଼ିଗ୍ଲେ । ସଙ୍କଟସବୁକୁ ସୁଯୋଗରେ ପରିଣତ କରିପାରିଲେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସୁଗମ ହୋଇଯାଏ । ଅନେକ ମହାପୁରୁଷ ଆଦ୍ୟଜୀବନରେ ବହୁ ଘାତ ପ୍ରତିଘାତର ସଫଳ ମୁକାବିଲା କରିଥିବାର ପ୍ରମାଣ ରହିଛ । ଯେଉଁମାନେ ବିପଦ୍ ଆସିବା ପୂର୍ବରୁ ଅଧୈର୍ଯ୍ୟ ହୋଇପଡ଼ନ୍ତି, ସେମାନେ ଅଧମଶ୍ରେଣୀର; ଯେଉଁମାନେ ବିପଦ ଦେଖାଦେଲେ ବିଚ୍ଳିତ ହୁଅନ୍ତି, ସେମାନେ ମଧ୍ୟମ ଶ୍ରେଣୀର; ମାତ୍ର ଯେଉଁମାନେ ବିପଦ ଆସିଲେ ମଧ୍ୟ ସାମାନ୍ୟତମ ପ୍ରଭାବିତ ହୁଅନ୍ତି ନାହିଁ, ସେମାନେ ଯଥାର୍ଥରେ ଉତ୍ତମଶ୍ରେଣୀର । ବହମାନ ତୀବ୍ର ଜଳଧାର ପରି ଥବା ଅଟଳମନା ସାଧୁସନ୍ନ୍ୟାସୀଙ୍କ ପରି ସ୍ଥିତପ୍ରଜ୍ଞା ରହିବା ଦୃଢ଼ବ୍ୟକ୍ତିର ଲକ୍ଷଣ । ଦୃଢ଼ମନା ବ୍ୟକ୍ତି ସର୍ବଦା ସାହସୀ ଓ ସମସ୍ତ ପ୍ରକାର ଆହ୍ୱାନର ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ହୋଇ ରହିଥାଏ । ସବୁକିଛି ତା' ପାଇଁ ଈଶ୍ୱରଙ୍କ ବରଦାନ ବୋଲି ସେ ବିଗ୍ର କରେ । ବିପଦରେ ପକାଇ ସ୍ରଷ୍ଟା ତା'ର ପରୀକ୍ଷା ନେଉଛନ୍ତି



Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

ବୋଲି ସେ ସ୍ଥିରନିଶ୍ଚିତ ହୋଇଯାଏ । ଉତ୍କଳମଣିଙ୍କ ବାଣୀ "ବିପଦ ପ୍ରଭୁଙ୍କ କଷଟି ପାଷାଣ, ପରଖନ୍ତି ତହିଁ ନରହଦଟାଣ," ଦୃଢ଼ମନା ବ୍ୟକ୍ତିର ମନୋବଳକୁ ନଭଶ୍ଚୁମ୍ବୀ କରିଦିଏ ।

(କ) କେଉଁମାନଙ୍କୁ ଅଧମଶ୍ରେଣୀର ବୋଲି କୁହାଯିବ ?

(ଖ) କାହାଯୋବେ ଅସାଧାରଣ ବ୍ୟକ୍ତି ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ?

(ଗ) ଦୃଢ଼ବ୍ୟକ୍ତି କାହାକୁ କୁହାଯିବ ?

(ଘ) କେଉଁ କଥା ମନେପକାର ଦୃଢ଼ମନା ବ୍ୟକ୍ତିର ମନୋବଳ ଆକାଶଛୁଆଁ ହୋଇଯାଏ ?

(ଙ) ପ୍ରଷ୍ଟା କିପରି ଭାବରେ ପରୀକ୍ଷା ନିଅନ୍ତି ?

## 'ଖ' ବିଭାଗ

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚ଼ନା ଲେଖ । *8*

(କ) ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ

(ଖ) କ୍ରୀଡ଼ା ଓ ବିଶ୍ୱଶାନ୍ତି

(ଗ) ମାନବସମ୍ବଳର ସୁବିନିଯୋଗ

**3.** 'ପୁସ୍ତକ ପଠନର ଉପଯୋଗିତା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । *7*

**କିମ୍ବା**

'ସଡ଼କ ନିରାପତ୍ତା' ସଂକ୍ରାନ୍ତରେ ତୁମର ନିଜସ୍ୱ ମତାମତ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ନିଜର ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

## 'ଗ' ବିଭାଗ

4. (କ) ନିର୍ଦ୍ଦେଶ ଅନୁସାରେ ବାକ୍ୟଗୁଡ଼ିକର ପରିବର୍ତ୍ତନ କର । (*4* ଟିର) *4*

(i) ସନ୍ଧ୍ୟାବେଳେ ଆମର ସଭା ହେବ ଓ ଆପଣ ସେଠାକୁ ନିଶ୍ଚୟ ଆସିବେ । (ସରଳ ବାକ୍ୟ)

(ii) ମୁଁ ଦିଲ୍ଲୀଯାଇ ଲାଲକିଲ୍ଲା ଦେଖିବି । (ଯୌଗିକ ବାକ୍ୟ)

(iii) ବୁଝିବାକୁ ଚାହୁଁ ନ ଥିବା ପିଲାକୁ ବୁଝାଇବା କଷ୍ଟକର । (ଜଟିଳ ବାକ୍ୟ)

(iv) ଯେହେତୁ ପିଲାଟି ଖାଇନାହିଁ, ସେଥିପାଇଁ ରାହା ଧରି କାନ୍ଦୁଛି । (ସରଳ ବାକ୍ୟ)

(v) ପରୋପକାରୀ ବ୍ୟକ୍ତିକୁ ଈଶ୍ୱର ସାହା ହୁଅନ୍ତି । (ଜଟିଳ ବାକ୍ୟ)

(vi) ମାମୁ ଘରକୁ ଆସିଥିବାରୁ ପିଲାଏ ଖୁସିରେ ନାଚୁଛନ୍ତି । (ଯୌଗିକ ବାକ୍ୟ)

(ଖ) ଭ୍ରମ ସଂଶୋଧନ କରି ଲେଖ । (*4* ଟିର) *4*

ପୁରଷ୍କାର, ମିନତୀ, ଉଣା, ଶିକ୍ଷୟତ୍ରୀ, ଲଜ୍ୟା, ଜୀବୀତ

(ଗ) ଲକ୍ଷଣ ଓ ଯତିପାତ ସହ ଯେକୌଣସି ***ଗୋଟିଏ*** ଛନ୍ଦର ଉଦାହରଣ ଦିଅ । *4*

ନଟବାଣୀ, ବଙ୍ଗଳାଶ୍ରୀ

(ଘ) ବାକ୍ୟରେ ବ୍ୟବହାର କର । (ଯେକୌଣସି *4* ଟି ରୂଢ଼ିର) *4*

ହୁଙ୍କାପିଟା, ବକଧାର୍ମିକ, କାନରେ ହାତଦେବା, ଆଡ଼ ଆଖିରେ ନ ଚାହିଁବା, ତିଳକୁ ତାଳ କରିବା, ପ୍ରସାଦ ପରି ପାଇଦେବା

(ଙ) ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର । *4*

Truth and non-violence were the ideals of Mahatma Gandhi. He fought for the rights of Indians in South Africa. Gandhiji is regarded as a worshipper of truth. We should follow his footprints. His birthday falls on 2nd of October.


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

## 'ଘ' ବିଭାଗ

**5.** ସପ୍ରସଙ୍ଗ ସରଳାର୍ଥ ଲେଖ । (*ଗୋଟିକର*) 5

(କ) ଏହାର ଶେଷ ଫଳ କାଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚ଼ାଲିଛି ।

(ଖ) ମାତୃ ଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏ ନାହିଁ ।

**6.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) 2×3=6

(କ) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

(ଖ) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?

(ଗ) ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ ?

(ଘ) ମଣିଷର ପ୍ରକୃତ ଶତ୍ରୁ କିଏ ବୋଲି ବିବେକାନନ୍ଦ ଭାବଲେ ?

(ଙ) ସତ୍ୟବାଦୀ ପର୍ବର ମୁଖ୍ୟ ଆଦର୍ଶ କ'ଣ ଥିଲା ?

**7.** ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । 1×4=4

(କ) "ଜନ୍ମଭୂମି" ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ?

(i) ଇତିହାସ ଓ କିମ୍ବଦନ୍ତୀ

(ii) ପ୍ରବନ୍ଧମାନସ

(iii) ମୋ ସମୟର ଓଡ଼ିଶା

(iv) ପ୍ରବନ୍ଧ ସାରସ

(ଖ) ଅନ୍ନଦା ଶଙ୍କରଙ୍କ ମାତୃଭାଷା କ'ଣ ଥିଲା ?

(i) ଓଡ଼ିଆ

(ii) ହିନ୍ଦୀ

(iii) ବଙ୍ଗଳା

(iv) ଇଂରାଜି


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

(ଗ) ରାଜପୁତନାର ବାଈଜୀ ବିବେକାନନ୍ଦଙ୍କୁ କେଉଁ ଶିକ୍ଷା ଦେଇଥିଲେ ?

(i) ଦେଶପ୍ରେମ

(ii) ସଂଗୀତଶାସ୍ତ୍ର

(iii) ନୃତ୍ୟକଳା

(iv) ସମଦର୍ଶିତା

(ଘ) ବ୍ରାହ୍ମଧର୍ମ କିଏ ପ୍ରତିଷ୍ଠା କରିଥିଲେ ?

(i) ରାଜା ରାମମୋହନ ରାୟ

(ii) ଗୌରୀଶଙ୍କର ରାୟ

(iii) ମଧୁସୂଦନ ଦାସ

(iv) ବ୍ରାହ୍ମଣସମାଜ

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିକର***) *5*

(କ) ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

(ଖ) ଅମାପ ଧରିଯୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେଦୁଃଖସହି ଏ ଜଗତ ପାଇଁ
ଲାଗି ପଡ଼େ ଦନରାତି ।

**9.** ସଂକ୍ଷେପରେ ଉତ୍ତର ଲେଖ ।(ଯେ କୌଣସି *3* ଟିର) *2×3=6*

(କ) ପଞ୍ଚଭୂତ କାହାକୁ କହନ୍ତି ?

(ଖ) ପୋତପାଳ ମଶାଲ ଜାଳିଛ କାହିକି ?

(ଗ) ତମସାନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?

(ଘ) କେଉଁଠାରେ ଆଲୋକଧାରା ଖେଳାଇବାକୁ କବି କହିଛନ୍ତି ?

(ଙ) କେଉଁ କର୍ମହେତୁ କବିଏ ଦେଶକୁ ବୁଲିବାକୁ ଆସିଛନ୍ତି ?


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

**10.** ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । *1×4=4*

(କ) 'ଦଣ୍ଡଧାରୀ' ବୋଲି କବିତାରେ କାହାକୁ କୁହାଯାଇଛି ?

(i) ଧୃତରାଷ୍ଟ୍ର

(ii) ଦୁର୍ଯ୍ୟୋଧନ

(iii) ଅଶ୍ୱତ୍ଥାମା

(iv) ଧୃଷ୍ଟଦ୍ୟୁମ୍ନ

(ଖ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚ୍ଛ୍ର କରୁଛି ?

(i) ପୋତପାଳ

(ii) ରାତ୍ରି

(iii) ଝିଙ୍କାରି

(iv) ଚିଲିକା

(ଗ) ଉଷାକୁ ପ୍ରଶଂସା କରି ସତୀ ସୀତା କେଉଁ କଥା କହିଛନ୍ତି ?

(i) ତିମିର-ବିଧ୍ୱଂସୀ

(ii) ଜାନକୀ-ଦର୍ଶନ ତୃଷାର୍ତ୍ତ

(iii) ମଙ୍ଗଳ-ଆଗମନୀ

(iv) ବିକଚ-ରାଜୀବ ଦୃଶା

(ଘ) କେଉଁ ଠାରେ ଅମରଗାନ ଗାଇବା ପାଇଁ କବି କହିଛନ୍ତି ?

(i) ଅରଣ୍ୟରେ

(ii) ମରୁଭୂମିରେ

(iii) ତିମିରକାରାରେ

(iv) ମରଣଦୁଆରେ



Downloaded From :http://cbseportal.com/ Courtesy : CBSE

Downloaded From : http://cbseportal.com/

**11.** ଯେକୌଣସି ***ଗୋଟିଏ*** ପ୍ରଶ୍ନର ଉତ୍ତର ଲେଖ । *5*

(କ) ଜୟଦେବ ଓ ମିଶ୍ରବାବୁ ପାହାନ୍ତିଆ ପହରରୁ ଉଠି କ'ଣ କରୁଥିଲେ ?

(ଖ) ବିରଗଛକୁ ମହାନ ସ୍ନେହମୟୀ ଜନନୀ ସହିତ କାହିଁକି ତୁଳନା କରାଯାଇଛି ?

(ଗ) ଶିବେଇ ସାନ୍ତରା ନିଜ ଜୀବନ ଧନ୍ୟ ହୋଇଚ୍ ବୋଲି ମନେ କଲେ କାହିଁକି ?


Downloaded From : http://cbseportal.com/ Courtesy : CBSE